# Akashvani, Sambalpur

# SAMBALPURI NEWS MORNING BULLETIN

## 2 June 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ଖଣିମନ୍ତ୍ରୀ ଆଲୋଚନା          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ଖଣିଜ କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଆଉ ଜାତୀୟ ଅର୍ଥନୀତିଥି ରାଜ୍ୟର୍ ଅବଦାନ୍ ବଢ଼ାବାର୍ ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କେନ୍ଦ୍ର କୁଇଲା ଆଉ ଖଣିମନ୍ତ୍ରୀ ଜି. କିଷନ୍ ରେଡ୍ଡୀଙ୍କର୍ ସହେତେ ଆଲୋଚନା ହେଇଛେ । ୨୦୨୫-୨୬ ବଛ୍‌ରେ ରାଏଜେ ୪ ଶହ ୭୧ ମିଲିୟନ୍ ଟନ୍ ଖଣିଜ ଉତ୍ପାଦନ୍ ହେଇକରି ପାଖାପାଖି ୪୬ ହଜାର୍ କୋଟି ଟଙ୍କା ରାଜସ୍ୱ ମିଳିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ନିଲାମ୍ ହେଇଥିବା ଖଣି ବ୍ଲକ୍ ଲାଗି ଜଙ୍ଗଲ୍ ପରିବେଶ୍ ମଞ୍ଜୁରୀକେ ତୁର୍‌ତି କର୍‌ବାର୍ ସହେତେ ଶାଶୁବୋହୂ ମାଳି ବକ୍ସାଇଟ୍, ଆଉ ଠାକୁରାଣୀ ଲୁହାପଥର୍ ବ୍ଲକ୍ ଓଏମ୍‌ସିକେ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ କେନ୍ଦ୍ରର୍ ସହଯୋଗ୍

ମାଗିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ ସବୁ ସମ୍ପୃକ୍ତ ମନ୍ତ୍ରଣାଳୟକେ ନେଇକରି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ କର୍‌ବାର୍‌କେ ବୈଠକ୍‌ଥି ପ୍ରସ୍ତାବ୍ ଦେଇଛନ୍ ।

କୁଳପତି ସମ୍ମିଳନୀ          ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସର୍‌କାରୀ ଆଉ ଘରୋଇ ବିଶ୍ୱବିଦ୍ୟାଳୟର୍ ସମ୍ପତିର୍ ସୁରକ୍ଷା, ଉଚ୍ଚଶିକ୍ଷାର୍ ଦୀର୍ଘକାଳୀନ୍ ବିକାଶ୍ ଲାଗି ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍, ଲୋକଭବନ୍ ନ ଆୟୋଜିତ୍ ୨ ଦିନିଆ କୁଳପତି ସମ୍ମିଳନୀର୍ ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି, ବିଶ୍ୱବିଦ୍ୟାଳୟର୍ ଜମି ଜବର୍‌ଦଖଲ୍ ରୁକ୍‌ବାର୍‌କେ ସକ୍ରିୟ ପଦକ୍ଷେପ୍ ନେବାର୍‌କେ ରାଜ୍ୟପାଲ୍ କୁଳପତି ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଇତାର୍‌ଛଡ଼ା କେମ୍ପସ୍ ମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ଲାଗି ଛତ୍ ଉପ୍‌ରେ ସୌରଶକ୍ତି ପେନେଲ୍, ସିଏସ୍‌ଆର୍ ଫଣ୍ଡ୍, ଆଉ ରେସ୍କୋ ମୋଡ଼େଲ୍ ବେଭାର୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ଖେପ୍ ଖେପ୍ କରି ବିଦ୍ୟୁତ୍ ଗାଡ଼ି ବେଭାର୍, ନିୟମିତ୍ ଗଛ୍

ଜଗାବାର୍ ଆଉ କାର୍ବନ୍ କ୍ରେଡିଟ୍ ଜରିଏ କମାନିକେ ବଢ଼ାବାର୍ ଲାଗି ଭିଲ୍ ରାଜ୍ୟପାଲ୍ କହିଛନ୍ । ସମ୍ମିଳନୀଥି ସବୁଜ ଶକ୍ତି, କ୍ୱାଂଟମ୍ କମ୍ପ୍ୟୁଟିଙ୍ଗ, ଶାସନ୍, ଜାତୀୟ ଶିକ୍ଷାନୀତି -୨୦୨୦ର କାର୍ଯ୍ୟାନ୍ୱୟନ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ରାଜ୍ୟପାଲ୍‌ଙ୍କର୍ ପରାମର୍ଶ ଉପ୍‌ରେ ସର୍‌କାର୍ କାମ୍ କର୍‌ବେ ଆଉ ଦକ୍ଷତା ଭିତିଭୂମି ବିସ୍ତାର୍ କରାଯିବା ବଲି କହିଛନ୍ ।

ନିଟ୍ ୟୁଜି ଆର୍‌ଏନ୍‌ୟୁ/ ସମ୍ବଲପୁର

ଡାକ୍ତରୀ ପାଠ୍ୟକ୍ରମ୍ ଲାଗି ପ୍ରବେଶିକା ପରୀକ୍ଷା- ନିଟ୍ ୟୁଜି -୨୦୨୬ ର ପୁନଃ ପରୀକ୍ଷାକେ କମ୍ପ୍ୟୁଟର୍ ଆଧାରିତ୍ ସିବିଟି ମୋଡ୍‌ଥି କର୍‌ବାର୍ ଲାଗି ହେଇଥିବା ଆବେଦନ୍‌କେ ସୁପ୍ରିମ୍‌କୋର୍ଟ ଗଲାକାଏଲ୍ ଖାରଜ୍ କରିଛନ୍ । ବିଚାର୍‌ପତି ଜଷ୍ଟିସ୍ ପି.ଏସ୍. ନରସିହ୍ମା ଆଉ ଜଷ୍ଟିସ୍ ଅରବିନ୍ଦ କୁମାର୍‌ଙ୍କର୍ ଖଣ୍ଡପୀଠ ମାମ୍‌ଲାର୍ ଶୁଣାଣି କରିକରି କହିଛନ୍, ପୁନଃ ପରୀକ୍ଷା ସିବିଟି ମୋଡ୍‌ଥି

କରାଯାଇନାଇପାରେ । ମାମ୍ଲାର୍ ପରବର୍ତ୍ତୀ ଶୁଣାଣି ଆଏବା ୨୭ ତାରିଖ୍କେ ଧାରିଜ୍ କରାଯାଇଛେ ।

ଏସ୍ଆଇଆର        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍ଆଇଆର୍ କାର୍ଯ୍ୟକ୍ରମ୍ର ୩ ଦିନ୍ତକ୍ ୨୫ ଲାଖ୍ ୨୩ ହଜାର୍ ୯ ଶହ ୭୪ ଝନ୍ ଭୋଟର୍ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ । ୪୫ ହଜାର୍ ୨ ଶହ ୫୫ ଝନ୍ ବିଏଲ୍ଓ ଘର୍ଘର୍ ଯାଇକରି ଭୋଟର୍ ମାନ୍କୁ ଫର୍ମ ଭର୍ବାର୍ଥି ସାହାଜ୍ କରୁଛନ୍ । ଫିଂ' ଭୋଟର୍ଙ୍କୁ ୨ ଟା ଫର୍ମ ଦିଆଯାଉଛେ । ବିଏଲ୍ଓ ମାନେ ଗୁଟେ ନକଲ୍ ଫର୍ମ ସଂଗ୍ରହ କରୁଥିବାର୍ ବେଲେ ଆରଥି ଦସ୍ତଖତ୍ କରିକରି ରସିଦ୍ ହିସାବେ ଭୋଟର୍ ମାନ୍କୁ ଦିଆଯାଉଛେ । ଭିନ୍ ଭିନ୍ ସ୍ୱୀକୃତି ପ୍ରାପ୍ତ ରାଜନୈତିକ୍ ଦଲ୍ଙ୍କର୍ ତର୍ଫୁ ନିଯୁକ୍ତ ହେଇଥିବା ୩୩ ହଜାର୍ ୨୬ ଝନ୍ ବିଏଲ୍ଏ ଭିଲ୍ ଇ ପ୍ରକ୍ରିୟାଥି ସହଯୋଗ୍ କରୁଛନ୍ ।

ବିଭାଗ୍ ସମୀକ୍ଷା        ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବିଜେପି ସର୍କାର୍ର କାର୍ଯ୍ୟକାଳକେ ୨ ବଛର୍ ପୁର୍ବାର୍କେ ଯାଉଛେ । ତାର୍ ଆଘୋନୁ ସବୁ ବିଭାଗ୍ର କାମ୍କାଜ୍ର ସମୀକ୍ଷା କରାଯିବା । ଆଏଜ୍ଠାନୁ ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରୀମାନ୍କର୍ ପ୍ରଦର୍ଶନ୍ ଆଉ ଦକ୍ଷତାର୍ ସମୀକ୍ଷା କରାଯିବା । ପହେଲା ଦିନେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧୀନ୍ଥି ଥିବା କୃଷି ଆଉ ଶକ୍ତି ବିଭାଗ୍ର କାମ୍ର ସମୀକ୍ଷା ହେବା ବଲି ଜନାପଡ଼ିଛେ । ଆଏବା ୯ ତାରିଖ୍ତକ୍ ସବୁ ବିଭାଗ୍ର ସମୀକ୍ଷା କରାଯିବା ।

ଇ.ଭି. ନିର୍ଦ୍ଦେଶାବଲୀ            ଆର୍ଏନ୍ୟୁ/ କଟକ୍

ରାଏଜେ ସବୁ ସର୍କାରୀ କାମ୍ଥି ବିଦ୍ୟୁତ୍ ଗାଡ଼ି-ଇ.ଭି.ର ବେଭାର୍କେ ବାଧ୍ୟତାମୂଲକ୍ କର୍ବାର୍ ଲାଗି ଅର୍ଥ ବିଭାଗ୍ ତର୍ଫୁ ନିର୍ଦ୍ଦେଶାବଲୀ ଜାରି କରାଯାଇଛେ । ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାର୍ପତି ଆଉ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଇ.ଭି. ଗାଡ଼ି ଘିନ୍ବାର୍ ଲାଗି ୩୦ ଲାଖ୍ ଟଙ୍କାତକ୍

ଖର୍ଚ୍ଚା ସୀମା ଧାରିଜ୍ କରାଯାଇଛେ । ଅଲ୍‌ଗା ଭିନ୍ ଭିନ୍ ଅଧିକାରୀମାନ୍‌କର୍ କ୍ଷେତ୍ରଥି ଇ.ଭି. ଗାଡ଼ି ଘିନ୍‌ବାର୍ ଲାଗି ବ୍ୟୟ ଅଟକଳ ଧାରିଜ୍ ବାବ୍‌ଦେ ନିର୍ଦ୍ଦେଶାବଳୀଥି କୁହାଯାଇଛେ ।

ଭିତିପ୍ରସ୍ତର୍ ଥାପ୍‌ନା ହି.ସ.

ଝାର୍‌ସୁଗୁଡ଼ା ଜିଲ୍ଲାର୍ କୁଲାବିରା ବ୍ଲକ୍ ନ ସଡ଼କ୍ ଯୋଗାଯୋଗ୍‌କେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟ ନେଇକରି ୪ ଟା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର୍ ଶିଳାନ୍ୟାସ୍ କରାଯାଇଛେ । ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଆଉ ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ୩୬ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ଇ ପ୍ରକଳ୍ପମାନ୍‌କର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ସମାରୋହଥି ଶ୍ରୀ ତ୍ରିପାଠୀ ଯୋଗାଯୋଗ୍ ବ୍ୟବସ୍ଥାର୍ ଉନ୍ନତି ସହେତେ ଜଲ୍‌ସେଚନ୍, ଚାଷ୍ ଆଉ ଚାଷୀମାନ୍‌କର୍ ବିକାଶ୍‌କେ ସର୍‌କାର୍ ପ୍ରାଥମିକତା ଦଉଛନ୍ ବଲି କହିଛନ୍ ।

ନୂଆପଡ଼ା- ଧାନ୍ ଘିନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚଲ୍‌ତି ଋତୁଥି ଡାଲୁଆ ଧାନ୍ ଘିନା ସ୍ୱଛ ଆଉ ଠିକ୍ ଭାବେ ଚାଲିଛେ । ଚାଷୀମାନ୍‌କର୍ ସୁବିଧା ଲାଗି ଆହୁରି ୩ ଟା ଧାନ୍ ଘିନାକେନ୍ଦ୍ର ଖୁଲାଯାଇଛେ । କୋମ୍‌ନା ପେକ୍ସ ଅଧୀନ୍‌ଥି ଥିବା ଉଦ୍ୟାନ୍ ବନ୍ଧ, ସିନାପାଲି ପେକ୍ସ ଆଉ କାଡ଼େତାରା ପେକ୍ସ ନ ଗଲାକାଏଲ୍‌ନୁ ଧାନ୍ ଘିନା ମୁଲ୍ ହେଇଛେ । ଇହାଦେତକ୍ ଜିଲ୍ଲା ନ ୩ ଶହ ୯୪ ଝନ୍ ଚାଷୀଙ୍କର୍‌ନୁ ୨୦ ହଜାର୍ ୭ ଶହ ୧୫ କ୍ୱିଂଟାଲ୍‌ନୁ ଅଏତ୍‌କା ଧାନ୍ ଘିନାଯାଇଛେ । ସେଆଡ଼େ ଛତିଶ୍‌ଗଡ଼୍‌ନୁ ବେଆଇନ୍ ଧାନ୍ ପରିବହନ୍ ରୁକ୍‌ବାର୍ ଲାଗି ସୀମ୍‌ନା ଇଲାକା ନ ଯାଂଚ୍‌କେ କଡ଼ାକଡ଼ି କରାଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀ ଲାଗି ହେଇଥିବା ବର୍ଷାର୍ ପ୍ରଭାବ୍‌ଥି ତାପମାତ୍ରା ସାମାଏନ୍ କମିଛେ । ରାଜ୍ୟର୍ ବଡ଼ଭାଗୀ ଜାଗାର୍ ତାପମାତ୍ରା ଗଲାକାଏଲ୍ ୪୦ ଡିଗ୍ରୀ ତଲେ ରେକର୍ଡ଼ କରାଯାଇଥିଲା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଭିନ୍ ଭିନ୍ ଜାଗା ନ ଆଏବା ୪

ଦିନ୍‌ତକ୍ ବର୍ଷା ଲାଗି ରହେବା । ତାର୍ ଉତ୍‌ରୁ ଦିନର୍ ସବୁନୁ ଜହ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ୍‌ବାର୍ ସମ୍ଭାବନା ଅଛେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।